GOVERNMENT OF ORISSA

ଓଡ଼ିଶା ସରକାର

# THE ORISSA REVENUE ADMINISTRATION (UNIT) ACT, 1963

# ORISSA ACT 22 OF 1963

# ଓଡ଼ିଶା ରାଜସ୍ୱ ପ୍ରଶାସନ ୟୁନିଟ ଅଧିନିୟମ, ୧୯୬୩

LAW DEPARTMENT

ବିଧି ବିଭାଗ

[ *Price—Re. 0·40*

# ଓଡ଼ିଶା ରାଜସ୍ୱ ପ୍ରଶାସନ (ୟୁନିଟ) ଅଧିନିୟମ, ୧୯୬୩

## ସୂଚୀପତ୍ର

ଉଦ୍ଦେଶିକା

ଧାରାବଳୀ

୧। ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ

୨। ରାଜସ୍ୱ ପ୍ରଶାସନର ୟୁନିଟ

୩। ରାଜସ୍ୱ ଡିଭିଜନ, ଜିଲ୍ଲା ଓ ସବ୍‌ଡିଭିଜନର ଗଠନ

୪। ତହସିଲର ଗଠନ

୫। ନିରସନ ଓ ବ୍ୟାବୃତ୍ତି

ଅନୁସୂଚୀ

# ୧୯୬୩ର ଓଡ଼ିଶା ଅଧିନିୟମ ୨୨

## ଓଡ଼ିଶା ରାଜସ୍ୱ ପ୍ରଶାସନ (ୟୁନିଟ) ଅଧିନିୟମ, ୧୯୬୩

( ୨୫ ଅକ୍ଟୋବର ୧୯୬୩ରେ ରାଜ୍ୟପାଳଙ୍କ ସମ୍ମତିପ୍ରାପ୍ତ, ୧୬ ନଭେମ୍ବର ୧୯୬୩ର ଓଡ଼ିଶା ଗେଜେଟର ଏକ ଅସାଧାରଣ ସଂଖ୍ୟାରେ ପ୍ରଥମେ ପ୍ରକାଶିତ )

ଓଡ଼ିଶା ରାଜ୍ୟରେ ରାଜସ୍ୱ ପ୍ରଶାସନ ଉଦ୍ଦେଶ୍ୟରେ ୟୁନିଟର ସୃଷ୍ଟି ସମ୍ପର୍କୀୟ ବିଧିକୁ ଏକତ୍ରି ଓ ସଂଶୋଧିତ କରିବାକୁ ଏକ ଅଧିନିୟମ ।

ଭାରତ ଗଣରାଜ୍ୟର ଚତୁର୍ଦ୍ଦଶ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :—

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

୧ । (୧) ଏହି ଅଧିନିୟମ ଓଡ଼ିଶା ରାଜସ୍ୱ ପ୍ରଶାସନ (ୟୁନିଟ) ଅଧିନିୟମ, ୧୯୬୩ ନାମରେ ଅଭିହିତ ହେବ ।

(୨) ଏହା ସମଗ୍ର ଓଡ଼ିଶା ରାଜ୍ୟ ପ୍ରତି ବିସ୍ତୃତ ।

(୩) ରାଜ୍ୟ ସରକାର, ଅଧିସୂଚନା ଦ୍ୱାରା, ଯେଉଁ ତାରିଖ ନିୟତ କରିବେ ଏହା ସେହି ତାରିଖରୁ ପ୍ରବୃତ୍ତ ହେବ ।

ରାଜସ୍ୱ ପ୍ରଶାସନର ୟୁନିଟ ।

୨ । ରାଜ୍ୟ ମଧ୍ୟରେ ରାଜସ୍ୱ ପ୍ରଶାସନ ଉଦ୍ଦେଶ୍ୟରେ ୟୁନିଟ ଏହାପରେ ବିନିର୍ଦ୍ଦିଷ୍ଟ ହୋଇଥିବା ମତେ ରାଜସ୍ୱ ଡିଭିଜନ, ଜିଲ୍ଲା, ସବ୍‌ଡିଭିଜନ ଓ ତହସିଲ ହେବ ।

ରାଜସ୍ୱ ଡିଭିଜନ, ଜିଲ୍ଲା ଓ ସବ୍-ଡିଭିଜନର ଗଠନ ।

୩ । ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ରାଜସ୍ୱ ଡିଭିଜନ ଏବଂ ଜିଲ୍ଲା ଓ ସବ୍‌ଡିଭିଜନ ଯଥାକ୍ରମେ—

(କ) ଓଡ଼ିଶା ରାଜସ୍ୱ ଡିଭିଜନାଲ କମିଶନର ଅଧିନିୟମ, ୧୯୫୭ର ଉପବନ୍ଧଗୁଡ଼ିକ ଅନୁଯାୟୀ ସମୟାନୁକ୍ରମେ ଗଠିତ ରାଜସ୍ୱ ଡିଭିଜନ ହେବ; ଏବଂ — ୧୯୫୭ର ଓଡ଼ିଶା ଅଧିନିୟମ ୧୧ ।

(ଖ) ଦଣ୍ଡ ପ୍ରକ୍ରିୟା ସଂହିତା, ୧୮୯୮ର ଉପବନ୍ଧଗୁଡ଼ିକ ଅନୁଯାୟୀ ସମୟାନୁକ୍ରମେ ଗଠିତ ଜିଲ୍ଲା ଓ ସବ୍‌ଡିଭିଜନ ହେବ : — ୧୮୯୮ର ୫

ପରନ୍ତୁ ଅନୁଗୋଳ ବିଧି ବିନିୟମ, ୧୯୩୬ ଓ କନ୍ଧମାଳ ବିଧି ବିନିୟମ, ୧୯୩୬ରେ ଜିଲ୍ଲା ଯେପରି ସଂଜ୍ଞାପିତ ହୋଇଛି ତାହା ପ୍ରତ୍ୟେକେ ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ଜିଲ୍ଲା ବୋଲି ବିବେଚିତ ହେବ । — ୧୯୩୬ର ବିନିୟମ ୫ । ୧୯୩୬ର ବିନିୟମ ୪ ।

ତହସିଲର ଗଠନ ।

୪ । ରାଜ୍ୟ ସରକାର, କୌଣସି ସବ୍‌ଡିଭିଜନକୁ ଯେତେ ସଂଖ୍ୟକ ତହସିଲରେ ବିଭକ୍ତ କରିବାକୁ ଉପଯୁକ୍ତ ବିବେଚନା କରନ୍ତି, ସେପରି ପ୍ରତ୍ୟେକ ତହସିଲର ସ୍ଥାନୀୟ ସୀମା ସ୍ଥିର କରି, ଅଧିସୂଚନା ଦ୍ୱାରା, ସେତେ ସଂଖ୍ୟକ ତହସିଲରେ ବିଭକ୍ତ କରିପାରିବେ ଏବଂ ଅନୁରୂପ ରୀତିରେ ଉକ୍ତ ସୀମା ପରିବର୍ତ୍ତିତ କରିପାରିବେ :

ପରନ୍ତୁ ରାଜ୍ୟ ସରକାର କୌଣସି ସବ୍‌ଡିଭିଜନର ସ୍ଥାନୀୟ ସୀମା ମଧ୍ୟସ୍ଥ ସମଗ୍ର ଅଞ୍ଚଳକୁ ଏକ ତହସିଲ ବୋଲି ମଧ୍ୟ ଘୋଷଣା କରିପାରିବେ :

ପୁନଶ୍ଚ ରାଜସ୍ୱ ପ୍ରଶାସନ ଉଦ୍ଦେଶ୍ୟରେ ଏହି ଅଧିନିୟମର ପ୍ରାରମ୍ଭ ତାରିଖ ପୂର୍ବରୁ ଗେଜେଟରେ ଅଧିସୂଚିତ ଏବଂ ଉକ୍ତ ତାରିଖର ଅବ୍ୟବହିତ ପୂର୍ବ ପ୍ରବୃତ୍ତ ଥିବା ଏକ ଆଦେଶ ଦ୍ୱାରା ତହସିଲ ବୋଲି ଘୋଷିତ କୌଣସି ଅଞ୍ଚଳ, ରାଜ୍ୟ ସରକାର ଅନ୍ୟଥା ନିର୍ଦ୍ଦେଶ ନ ଦେଲେ, ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ଏକ ତହସିଲ ବୋଲି ବିବେଚିତ ହେବ ।

**ନିରସନ ଓ ବ୍ୟାବୃତ୍ତି ।**

୫ । ଏହି ଅଧିନିୟମର ପ୍ରାରମ୍ଭ ତାରିଖଠାରୁ—

(କ) କୌଣସି ବିଧିରେ ବା ବିଧିର ବଳଥିବା କୌଣସି ନିୟମ, ବିନିୟମ, ଆଦେଶ ବା ଅଧିସୂଚନାରେ ଡେପୁଟି କମିଶନରଙ୍କ ସମ୍ପର୍କରେ ସମସ୍ତ ନିର୍ଦ୍ଦେଶ ରାଜସ୍ୱ ପ୍ରଶାସନ ସମ୍ପର୍କୀୟ ହୋଇଥାଉ ବା ହୋଇ ନ ଥାଉ ସମସ୍ତ ପ୍ରକାର ଉଦ୍ଦେଶ୍ୟ ନିମିତ୍ତ, ଯେଉଁ ଜିଲ୍ଲାର ସ୍ଥାନୀୟ ପରିସୀମା ମଧ୍ୟରେ ଡେପୁଟି କମିଶନରଙ୍କ ସ୍ଥାନୀୟ ଅଧିକାରିତା ମଧ୍ୟସ୍ଥ ଅଞ୍ଚଳ ଅବସ୍ଥିତ, ସେହି ଜିଲ୍ଲାର କଲେକ୍ଟରଙ୍କ ସମ୍ପର୍କରେ ନିର୍ଦ୍ଦେଶ ବୋଲି ପାଠ କରାଯିବ ଓ ଅର୍ଥ କରାଯିବ;

(ଖ) ଅନୁସୂଚୀର ଦ୍ୱିତୀୟ ସ୍ତମ୍ଭରେ ବିନିର୍ଦ୍ଦିଷ୍ଟ ବିଧିଗୁଡ଼ିକ ତାହାର ତୃତୀୟ ସ୍ତମ୍ଭରେ ବିନିର୍ଦ୍ଦିଷ୍ଟ ବିସ୍ତାର ପର୍ଯ୍ୟନ୍ତ ନିରସିତ ହୋଇଯିବ;

(ଗ) ଏହି ଅଧିନିୟମରେ ଯେପରି ଉପବନ୍ଧିତ ହୋଇଛି ତାହା ବ୍ୟତିରେକେ, ଏହି ଅଧିନିୟମର ଉପବନ୍ଧଗୁଡ଼ିକର ସମରୂପ ହୋଇଥିବା ବା ତାହାର ବିରୁଦ୍ଧ ହୋଇଥିବା କୌଣସି ଅନ୍ୟ ବିଧି ବା ବିଧିର ବଳଥିବା କୌଣସି ନିୟମ, ବିନିୟମ, ଆଦେଶ ବା ଅଧିସୂଚନା ନିରସିତ ହୋଇଯିବ; ଏବଂ

(ଘ) ଏହି ଅଧିନିୟମରେ ଯେପରି ଉପବନ୍ଧିତ ହୋଇଛି ତାହା ବ୍ୟତିରେକେ ଉକ୍ତ ତାରିଖ ପୂର୍ବରୁ ସ୍ଥାନୀୟ ଭାବରେ ଯେ କୌଣସି ନାମରେ ଅଭିହିତ ହେଉଥିବା ରାଜସ୍ୱ ପ୍ରଶାସନର ସମସ୍ତ ୟୁନିଟ ସେପରି ୟୁନିଟ ହେବାରୁ ରହିତ ହେବ ।

# ଅନୁସୂଚୀ

## ନିରସିତ ଅଧିନିୟମିତି

( ଧାରା ୫ ଦେଖ )

| କ୍ରମିକ ସଂଖ୍ୟା | ସଂଖ୍ୟା ଓ ବର୍ଷ | ସଂକ୍ଷିପ୍ତ ନାମ | ନିରସନର ବିସ୍ତାର |
|---|---|---|---|
| (୧) | (୨) | (୩) | (୪) |
| ୧ | ୧୮୩୬ର ୨୧ .. | ବଙ୍ଗ ଜିଲ୍ଲା ଅଧିନିୟମ, ୧୮୩୬ .. | ସମଗ୍ର |
| ୨ | ୧୮୬୪ର ବଙ୍ଗ ଅଧିନିୟମ ୪ .. | ବଙ୍ଗ ଜିଲ୍ଲା ଅଧିନିୟମ, ୧୮୬୪ .. | ,, |
| ୩ | ୧୮୬୫ର ମାନ୍ଦ୍ରାଜ ଅଧିନିୟମ ୧ .. | ମାନ୍ଦ୍ରାଜ ଜିଲ୍ଲା ସୀମା ଅଧିନିୟମ, ୧୮୬୫ | ,, |
| ୪ | ୧୮୮୧ର ୧୮ .. | ମଧ୍ୟ ପ୍ରଦେଶ ଭୂରାଜସ୍ୱ ଅଧିନିୟମ, ୧୮୮୧ । | ଧାରା ୧୪ |
| ୫ | ୧୯୧୭ର ମଧ୍ୟ ପ୍ରଦେଶ ଅଧିନିୟମ ୨ | ମଧ୍ୟ ପ୍ରଦେଶ ଭୂରାଜସ୍ୱ ଅଧିନିୟମ, ୧୯୧୭ । | ଧାରା ୬ |
| | | ଓଡ଼ିଶା ରାଜ୍ୟଗୁଡ଼ିକର ପ୍ରଶାସନ ଆଦେଶ, ୧୯୪୮ । | ପାରାଗ୍ରାଫ ୩ |
| | | ମୟୂରଭଞ୍ଜ ରାଜ୍ୟର ପ୍ରଶାସନ ଆଦେଶ, ୧୯୪୯ । | ପାରାଗ୍ରାଫ ୩ |

OGP—MP-VIII (Law) 26—1,000—9-5-1977